ପ୍ରମେୟ
THE PRAMEYA

Date: 02.04.2017

# ଶ୍ରେଷ୍ଠ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ଭାବେ ନିସ୍ ସମ୍ବର୍ଦ୍ଧିତ



ଭୁବନେଶ୍ୱର,୧।୪(ବ୍ୟୁରୋ): ମଦନପୁରସ୍ଥିତ ନିସ୍ ଇନଷ୍ଟିଚ୍ୟୁଟ୍ ଅଫ୍ ବିଜନେସ୍ ଆଡ୍ମିନିଷ୍ଟ୍ରେସନ୍‌କୁ ଶ୍ରେଷ୍ଠ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ଭାବେ ସମ୍ବର୍ଦ୍ଧନା ଦିଆଯାଇଛି। ଉନ୍ନତ ମାନର ବୈଷୟିକ ଶିକ୍ଷାଦାନ ଓ ନିଯୁକ୍ତିଭିତ୍ତିକ ଶିକ୍ଷା ପ୍ରଣାଳୀ ପାଇଁ ଇଷ୍ଟ୍ରେଡ୍ ଏଜୁକେସନାଲ ଆୱାର୍ଡ ସିଙ୍ଗାପୁର ପକ୍ଷରୁ ନିସ୍‌କୁ 'ପାୟୋନିଅର ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓଡ଼ିଶା-୨୦୧୭' ମାନ୍ୟତା ଦିଆଯାଇଛି। ସାରା ଦେଶର ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷାନୁଷ୍ଠାନର ତର୍ଜମା କରାଯାଇ ନିସ୍ ଶିକ୍ଷାନୁଷ୍ଠାନକୁ ଶ୍ରେଷ୍ଠ ମାନ୍ୟତା ଦିଆଯାଇଛି। ଏହି ଉତ୍ସବରେ ଅନୁଷ୍ଠାନର ଡିନ୍ ଡ. ଶ୍ରୁତିକାନ୍ତ ଦୀକ୍ଷିତ ଯୋଗଦେଇ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଟ୍ରଫି ଗ୍ରହଣ କରିଛନ୍ତି। ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ସୁଭାଷ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇ ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ଧନ୍ୟବାଦ ଦିଆଯାଇଥିଲା। ପୂର୍ବରୁ ନିସ୍ ଶିକ୍ଷାନୁଷ୍ଠାନ ୩ଟି ଶ୍ରେଷ୍ଠ ମ୍ୟାନେଜମେଣ୍ଟ ଆୱାର୍ଡ ହାସଲ କରିଥିବା ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀ କହିଛନ୍ତି।